# ଆଲୋଚନାଚକ୍ର ବିବରଣୀ

ଯାଜପୁର ଜିଲ୍ଲା ଅନ୍ତର୍ଗତ ନୂଆହାଟ ସ୍ଥିତ ବିଷ୍ଣୁସାମନ୍ତରାୟ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଆନୁକୂଲ୍ୟରେ "ମନୋଜ ଦାସଙ୍କ ସୃଷ୍ଟି ସମ୍ଭାରରେ ମାନବୀୟ ଉତ୍‌ରଣର ବାର୍ତ୍ତା" ଶୀର୍ଷକ ଏକ ଆଲୋଚନାଚକ୍ର ତା' ୦୧/୧୨/୨୦୨୧ ରିଖରେ ଅନୁଷ୍ଠିତ ହୋଇଥିଲା । +୩ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଏହି ଆଲୋଚନାଚକ୍ରରେ ଭାଗନେଇ ନିଜନିଜର ଚିନ୍ତାଧାରା ପ୍ରକଟ କରିଥିଲେ । ଏହି ପରିପ୍ରେକ୍ଷୀରେ ଆଗମିତ ଅତିଥିଗଣଙ୍କ ଆସନ ଗ୍ରହଣ ପରେ ଛାତ୍ରଛାତ୍ରୀଙ୍କ ତରଫରୁ ପୁଷ୍ପଗୁଚ୍ଛ ପ୍ରଦାନ ତଥା ବିଭାଗୀୟ ମୁଖ୍ୟ ପ୍ରଦୀପ କୁମାର ବରାଳଙ୍କୁ ସଭାପତି ଆସନ ଅଳଙ୍କୃତ କରିବା ପାଇଁ ଅନୁରୋଧ କରାଗଲା । ତତ୍‌ପରେ ମୁଖ୍ୟଅତିଥି ମହାବିଦ୍ୟାଳୟର ଅଧକ୍ଷ ଡଃ ରାମଚନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ଏଚ୍.ଏନ୍.ଏସ୍ ମହାବିଦ୍ୟାଳୟ, ଚାନ୍ଦୋଳର ପୂର୍ବତନ ଓଡ଼ିଆ ବିଭାଗର ପ୍ରାଧାପକ ଡଃ ପ୍ରକାଶ କୁମାର ପରିଡ଼ା, ଅନ୍ୟତମ ଅତିଥି ବିଷ୍ଣୁସାମନ୍ତରାୟ ମହାବିଦ୍ୟାୟର ଅର୍ଥନୀତି ଅଧାପକ ତଥା ରାଜ୍ୟ ୪୮୮ବର୍ଗ ଅଧାପକ କର୍ମଚାରୀ ସଂଘର ସଭାପତି ଶ୍ରୀଯୁକ୍ତ ପବିତ୍ର ମୋହନ ମାହାଲା ମହୋଦୟ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆଲୋଚନାଚକ୍ରର ଶୁଭ ଉଦ୍‌ଘାଟନ କରିଥିଲେ ।

ସଭାପତି ଅଧାପକ ବରାଳ ତାଙ୍କ ସ୍ୱାଗତ ଅଭିଭାଷଣ ସହ ମଂଚାସୀନ ଅତିଥିଙ୍କ ପରିଚୟ ପ୍ରଦାନକରି ଓଡ଼ିଆ ସାହିତ୍ୟକୁ ସେମାନଙ୍କ ବଳିଷ୍ଠ ଅବଦାନ ସଂପର୍କରେ ଅବହିତ କରିବାସହ ପାଠଚକ୍ରର ଉଦ୍ଦେଶ୍ୟ ସଂପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ । ଅଧାପିକା ଡଃ ସରିତା ସେଠୀ ଆଲୋଚ୍ୟ ବିଷୟବସ୍ତୁ ସମ୍ବନ୍ଧରେ ସୂଚନା ପ୍ରଦାନ କରିବା ସହ ପିଲାମାନେ ଏହା ମାଧ୍ୟମରେ କିପରି ସୁଫଳ ପାଇବେ ସେ ଦିଗରୁ ସଦୃଷ୍ଟାନ୍ତ ଉଦାହରଣ ଦେଇଥିଲେ ।

+୩ ତୃତୀୟବର୍ଷ କଳାଛାତ୍ରୀ କୁମାରୀ ପ୍ରିୟଙ୍କା ପଣ୍ଡା ଭିତ୍ତି ପ୍ରବନ୍ଧ(ସେମିନାର ପେପର) ପଠନ କରିଥିଲେ । ମୁଖ୍ୟଅତିଥି ଅଧକ୍ଷ ଡଃ ରାମଚନ୍ଦ୍ର ମହାପାତ୍ର ମହୋଦୟ ମନୋଜ ଦାସଙ୍କ ସାହିତ୍ୟିକ ପ୍ରତିଭାର ଉତ୍କର୍ଷ ତଥା ସାମାଜିକ ଆବେଦନ ବିଷୟରେ ବହୁ ତଥ୍ୟ ପ୍ରଦାନ କରି ତାଙ୍କର ମାନବୀୟ ମହତ୍ୱକୁ ସଦୃଷ୍ଟାନ୍ତ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଅଧାପକ ପବିତ୍ର ମୋହନ ମାହାଲା ମନୋଜ ଦାସଙ୍କ ସାହିତ୍ୟରେ ଥିବା ଚିରନ୍ତନ ମୂଲ୍ୟବୋଧ ତଥା ଆଗାମୀ ସମାଜ ପ୍ରତି ଥିବା ମହନୀୟ ବାର୍ତ୍ତା ସମ୍ବନ୍ଧରେ ବହୁ ଉଦାହରଣ ପ୍ରକଟ କରି ସମସ୍ତଙ୍କୁ ବିମୁଗ୍ଧ କରିଥିଲେ । ମୁଖ୍ୟ ବକ୍ତା ତଥା ଆଲୋଚକ ଡଃ ପ୍ରକାଶ କୁମାର ପରିଡ଼ା ମହୋଦୟ ତାଙ୍କ ଲିଖିତ ସନ୍ଦର୍ଭ ପଠନ କରିବା ସହ ମନୋଜୀୟ ଭାବଚେତନାରେ ଉତ୍ତରଣର ଯେଉଁ ମହନୀୟ ବାର୍ତ୍ତା ପ୍ରକଟିତ ହୋଇଛି ତଥା ସାଧାରଣ ଅବସ୍ଥାରୁ ଅତିମାନବ ସ୍ତରରେ

ଉପନୀତ ହେବାର ଚରମ ଉତ୍କର୍ଷର ଦୃଷ୍ଟାନ୍ତମାନ ଅପୂର୍ବ ଶୈଳୀରେ ପ୍ରଦତ୍ତ କରି ସମସ୍ତଙ୍କୁ ଅଭିଭୂତ କରିଥିଲେ ।

ଛାତ୍ରଛାତ୍ରୀମାନେ ମନୋଜ ଦାସଙ୍କ ସାହିତ୍ୟ ସମ୍ଭାରର ସୂକ୍ଷ୍ମ ଚେତନା ସମ୍ବନ୍ଧରେ ଅତିଥିଙ୍କୁ ପ୍ରଶ୍ନମାନ ପଚାରିବା ପରେ ସେମାନଙ୍କର ସମସ୍ତ ପ୍ରଶ୍ନର ଉତ୍ତର ଅତିଥି ମହୋଦୟ ଯେପରି ଉପସ୍ଥାପନ କଲେ ତାହା ପ୍ରଣିଧାନର ବିଷୟ । ପରିଶେଷରେ ଅଧ୍ୟାପକ କିଶୋର କୁମାର ସାହୁ ସମସ୍ତଙ୍କୁ ଓଡ଼ିଆ ବିଭାଗ ତରଫରୁ କୃତଜ୍ଞତା ଜ୍ଞାପନ କରିବା ସହ ଅଧକ୍ଷ ତଥା ଅତିଥିଗଣଙ୍କୁ ଧନ୍ୟବାଦ ଅର୍ପଣ କରି ଅଧକ୍ଷଙ୍କ ଅଦମ୍ୟନିଷ୍ଠା ଯୋଗୁ ଏପରି ଆଲୋଚନାଚକ୍ର ସମ୍ଭବ ହୋଇପାରିଲା ବୋଲି ଅଶେଷ କୃତଜ୍ଞତା ପ୍ରକାଶ କରିବା ପରେ ସଭା ସାଙ୍ଗ କରାଯାଇଥିଲା ।

**ଓଡ଼ିଆ ଭାଷା ସାହିତ୍ୟ ବିଭାଗ**
**ବିଷ୍ଣୁସାମନ୍ତରାୟ ମହାବିଦ୍ୟାଳୟ**
**ନୂଆହାଟ, ଯାଜପୁର**

ପ୍ରଦୀପ କୁମାର ବରାଳ
ଅଧ୍ୟାପକ ତଥା ବିଭାଗୀୟ ମୁଖ୍ୟ
ଓଡ଼ିଆ ଭାଷା ସାହିତ୍ୟ ବିଭାଗ
ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ
ନୂଆହାଟ, ଯାଜପୁର